ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 12-09-2025

ଗଜପତି(ଓଡିଶା) - :2025-09-12 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-09-13 | 2025-09-14 | 2025-09-15 | 2025-09-16 | 2025-09-17 |
|---|---|---|---|---|---|
| ବର୍ଷା (ମିମି) | 25.0 | 15.0 | 12.0 | 10.0 | 10.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 33.0 | 34.0 | 33.0 | 33.0 | 33.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 26.0 | 26.0 | 25.0 | 25.0 | 25.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 97 | 96 | 97 | 97 | 97 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 68 | 72 | 72 | 72 | 73 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 1 | 1 | 2 | 4 | 4 |
| ପବନର ଦିଗ (ଡିଗ୍ରୀ) | 56 | 108 | 225 | 233 | 229 |
| ମେଘାଚ୍ଛନ (ଅକ୍ଟା) | 7 | 6 | 5 | 5 | 5 |
| ସତର୍କବାଣୀ | ଭାରି ବର୍ଷା; ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଆକାଶ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପବନର ବେଗ ୦୧.୦ ରୁ ୦୪.୦ କିଲୋମିଟର ପ୍ରତିଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୩.୦°ସେଲସିୟସ ରୁ ୩୪.୦° ସେଲସିୟସ ଏବଂ ୨୫.୦° ସେଲସିୟସ ରୁ ୨୬.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୯୬ ରୁ ୯୭ ଶତକଡା ଏବଂ ୬୮ ରୁ ୭୩ ଶତକଡା ମଧ୍ୟରେ ରହିପାରେ ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ): - ପ୍ରବଳ ବର୍ଷା ଏବଂ ବିଜୁଳି ଓ ଘଡଘଡି ସହିତ ଝଟକା ପବନ ବହିବାର ସମ୍ଭାବନା ରହିଛି ।

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂସ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା |

### ସାଧାରଣ ଉପଦେଶ:

| |
|---|
| ଗଜପତି ଜିଲ୍ଲାରେ ଗତସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୪.୯°ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୫.୦°ସେଲସିୟସ ଥିଲା । ଗତସପ୍ତାହରେ ଜିଲ୍ଲାରେ ୪୯.୪ ମିଲିମିଟର ବର୍ଷା ହୋଇଅଛି । ଭାରତ ପାଣିପାଗ ବିଭାଗ ଦ୍ୱାରା ପ୍ରଦତ୍ତ ଆସନ୍ତା ପାଞ୍ଚଦିନର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ବର୍ତମାନ କିଛିଦିନ ପାଇଁ ସାର ତଥା କୀଟନାଶକର ପ୍ରୟୋଗ ସ୍ଥଗିତ ରଖନ୍ତୁ । ଫସଲର ଅଭିବୃଦ୍ଧି ପର୍ଯ୍ୟାୟ ଅନୁଯାୟୀ ସନ୍ତୁଳିତ ଏବଂ ଉପଯୁକ୍ତ ସାର ବ୍ୟବହାର କରନ୍ତୁ । ଅତ୍ୟଧିକ ନାଇଟ୍ରୋଜେନଯୁକ୍ତ ସାର ପ୍ରୟୋଗ କରନ୍ତୁ ନାହିଁ । କାରଣ ଏହା ଅତ୍ୟଧିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଥାଏ ଯଦ୍ୱାରା ଜଳର ଆବଶ୍ୟକତାକୁ ବଢାଇଦିଏ । ଫସଲର ସୁରକ୍ଷାଜନିତ ପ୍ରତିଷେଧକ ନିମନ୍ତେ ସର୍ବଦା ସମନ୍ୱିତ ଉପାୟ ତଥା ଜୈବିକ ଉପାୟ ଅବଲମ୍ବନ କରନ୍ତୁ । ମାତ୍ରାଧିକ କୀଟନାଶକ ପ୍ରୟୋଗ କୀଟମାନଙ୍କର ପ୍ରତିରୋଧ କ୍ଷମତାକୁ ବଢ଼ାଇ ଦେଇପାରେ । ତେଣୁ କୀଟନାଶକକୁ ସବୁବେଳେ ଅଦଳବଦଳ କରି ତଥା ମିଶ୍ରିତ କୀଟନାଶକ ବ୍ୟବହାର କରନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| କୀଟସଂଖ୍ୟା ଉପରେ ନଜର ରଖିବା ପାଇଁ ଆଲୋକ ଯନ୍ତା ବ୍ୟବହାର କରନ୍ତୁ ଯାହା ଦ୍ୱାରା ଠିକ୍ ସମୟରେ ନିୟନ୍ତ୍ରଣଜନିତ ପଦକ୍ଷେପ ନିଆଯାଇପାରିବ। |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ପତ୍ର ମୋଡା ପୋକ- ଧାନବୁଦାପ୍ରତି୨ଟିପତ୍ରମୋଡାପୋକଦେଖାଦେଲେଏକରପ୍ରତିChlorantraniliprole ୧୮.୫ % SC @ ୬୦ମିଲି କିମ୍ବା Flubendiamide୨୦ WG୫୦ ଗ୍ରାମକିମ୍ବା Cartap hydrochloride ୫୦WP@ ୪୦୦ଗ୍ରାମ କିମ୍ବା Tetraniliprole୨୦୦SC @ ୧୨୦ ମିଲି ୨୦୦ଲିଟର ପାଣିରେମିଶାଇ ସିଂଚନ କରନ୍ତୁ । ଜୀବାଣୁଜନିତ ପତ୍ରପୋଡାରୋଗ- ଏହି ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ଗ୍ରାମ କପର ହାଇଡ୍ରୋକସାଇଡ (Copper Hydroxide)ନାମକ ଔଷଧ କିମ୍ବା୨୦୦-ଗ୍ରାମ ପ୍ଲାଣ୍ଟୋମାଇସିନ (Plantomycin) ସହିତ ୬୦୦-ଗ୍ରାମ କପର ଅକ୍ସି କ୍ଲୋରାଇଡ (Copper Oxy Chloride) ନାମକ ଔଷଧ,ଏକର ପ୍ରତି୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ବାଦାମ | ଟୀକା ରୋଗ ପରିଚାଳନା- ଏହି ରୋଗର ପରିଚାଳନା ପାଇଁ ୪୦୦-ଗ୍ରାମ କ୍ଲୋରୋଥାଲୋନୀଲ (Chlorothalonil)ନାମକ ଫିମ୍ପିନାଶକ କିମ୍ବା୬୦୦-ଗ୍ରାମ ମାଙ୍କୋଜେବ (Mancozeb)ନାମକ ଫିମ୍ପିନାଶକ କିମ୍ବା୩୦୦-ମି.ଲି ହେକ୍ସାକୋନାଜୋଲ(Hexaconazole) ନାମକ ଫିମ୍ପିନାଶକ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |

### ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ଝାଉଁଳା ରୋଗ- ବର୍ଷାପରେ ବାଇଗଣ ଫସଲରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଅଛି । ଏହି ରୋଗର ପରିଚାଳନା ପାଇଁ ପ୍ରଥମେ ବାଇଗଣ ଫସଲରେ ପାଣି ଜମିନ ରହିବା ପାଇଁ ନାଳୀର ବ୍ୟବସ୍ଥା କରନ୍ତୁ । ପ୍ରତି ଲିଟର ପାଣି ରେ ୨-ଗ୍ରାମ ପ୍ଲାଣ୍ଟୋମାଇସିନ (Plantomycin)ସହିତ୧-ମି.ଲି ଟେବୁକୋନାଜୋଲ (Tebuconazole) ନାମକ ଫିମ୍ପିନାଶକ, ମିଶାଇ ଗଛ ମୂଳଏବଂ ମାଟି କୁ ଭଲ ଭାବରେ ଭିଜାନ୍ତୁ। |
| ବୋଇତି କଖାରୁ | ନାଲି କଖାରୁ ପୋକ- ନାଲିକଖାରୁ ପୋକ ପରିଚାଳନା ପାଇଁଏକର ପ୍ରତି ୪୦୦-ଗ୍ରାମ ସ୍ୟାନଟ୍ରାନିଲିପ୍ରୋଲ(Cyantraniliprole)ନାମକ କୀଟନାଶକ କିମ୍ବା ୬୦-ମିଲି ଇମିଡାକ୍ଲୋପ୍ରିଡ (Imidacloprid)ନାମକ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | କୀଟନାଶକ କିମ୍ବା୪୦୦ – ମିଲି କ୍ଲୋରୋପାଇରିଫସ (Chlorpyriphos) ନାମକ କୀଟନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| କାଓପିଇ | ଛୁଇଁ ବିନ୍ଧା ପୋକ- ଝୁଡୁଙ୍ଗରେ ଛୁଇଁବିନ୍ଧା ପୋକର ପରିଚାଳନା ପାଇଁ Emamactin benzoate @୮୦-ଗ୍ରାମ ଏକର ପ୍ରତି ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| ମରିଗଲଦ | ନାଲି ବୁଢିଆଣୀ ଅଷ୍ଟପଦୀ- ନାଲି ବୁଢିଆଣୀ ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତିଲିଟର ପାଣିରେ ୨-ଗ୍ରାମ ସଲଫର (sulphur) ସେଚିତ ଗୁଣ୍ଡ କିମ୍ବା ୨- ମିଲି ପ୍ରୋପାରଜାଇଟ (Propargite) ନାମକ କୀଟନାଶକ କିମ୍ବା ୨-ମିଲି ଫେନପାଇରୋଗଜିମେଟ (Fenpyroximate) ନାମକ କୀଟନାଶକ, ମିଶାଇ ସିଞ୍ଚନ କରନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଶ ୱାଟର | Fingerling ବା ଅଙ୍ଗୁଳିକା ଯାଁଳା ଛାଡିବା ପରେ ସେମାନଙ୍କୁ ବାଦାମ ପିଡିଆ ଓ କୁଣ୍ଡା ସମାନ ଅନୁପାତରେ ଛାଡିଥିବା ଯାଁଳା ଓଜନର ଶତକଡା ୫ ଭାଗ ଖାଇବାକୁ ଦେବେ । ଏହି ଖାଦ୍ୟରେ ମୋଟ ଖାଦ୍ୟର ଶତକଡା ୧ ଭାଗ vitamine ଓ mineral mixture ମିଶାଇ ଦିନରେ ଦୁଇଥର ଖାଇବାକୁ ଦେବେ । ଯାଁଳା ଛାଡିବା ପରେ ନିୟମିତ ଭାବେ pH ଓ ପାଣିର ତାପମାତ୍ରା ଯାଞ୍ଚ କରିବେ । ପୋଖୋରୀ ପାଣିରେ ବିଶୋଧନ ପାଇଁ ଏକର ପିଛା ୪୦ କେଜି ଚୁନ ପକେଇବେ। ପୋଖୋରୀ ରେ plankton ର ପରିମାଣ ବଢାଇବା ପାଇଁ ଗୋବର ଏକର ପିଛା ୨୦୦ କେଜି ଓ superphosphate ୪ କେଜି ମାସରେ ଦୁଇ ଥର ପ୍ରୟୋଗ କରିବେ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

 ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା  ପନିପରିବା ତଳି ଘେରା ନଷ୍ଟ ହେବ  ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା  ବିଲ ଓ ଫସଲରେ ପାଣି ଜମିବା

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

୧. ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା • ପନିପରିବା ର ବୁଢା/ହଳଦିଆ ହୋଇଯାଇଥିବା ତଳ ପତ୍ର ଗୁଡିକୁ ଛିଣ୍ଡାଇ ନଷ୍ଟ କରି ଦିଅନ୍ତୁ । • ପନିପରିବା ଫସଲରେ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । • ଡଙ୍କ ଜାତୀୟ ପନିପରିବା ଯେପରି ଜହ୍ନି, କଲରା ଇତ୍ୟାଦି ଗୁଡିକ ରେ ରଞ୍ଜା ପୋତି ଭଲ ଭାବରେ ଉଠେଇ ଦିଅନ୍ତୁ । • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । • ଝାଉଁଳା ଓ ମୂଳସଢା ରୋଗ ଦେଖାଦେଲେ ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟଲାଗଜିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଏହି ଦ୍ରବଣକୁ ଫସଲର ମୂଳକୁ ଭିଜାନ୍ତୁ । ୨. ପନିପରିବା ତଳି ଘେରା ନଷ୍ଟ ହେବ • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । ୩. ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା • ନୂଆ ଫଳ ହୋଇଥିବା ଗଛ ଗୁଡିକୁ ଡେରା/ଭରା ଦିଅନ୍ତୁ । • ଯଥାଶୀଘ୍ର ପାଚିଲା ଫଳ ଅମଳ କରନ୍ତୁ ଏବଂ ବଜାରରେ ବିକ୍ରୟ କରନ୍ତୁ । ୪ . ବୁଣା ବୁଣି, ସିଞ୍ଚନ ଓ ଫସଲରେ ପାଣି ମଡାଇବା ସାମୟିକ ଭାବରେ ସ୍ଥଗିତ ରଖନ୍ତୁ ।

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**